## ସଂକ୍ଷେପରେ

### ଦୀପାବଳିରେ କଟକଣା ମାନିବାକୁ ନିବେଦନ

**ଢେଙ୍କାନାଳ ଅଫିସ, ୩।୧୧:** କୋଭିଡ୍ ଗାଇଡ୍‌ଲାଇନ୍ ମଧ୍ୟରେ ଦୀପାବଳି ପାଳନ କରିବାକୁ ବୁଧବାର ଜିଲାବାସୀଙ୍କୁ ନିବେଦନ କରିଛନ୍ତି ଢେଙ୍କାନାଳ ଜିଲାପାଳ ସରୋଜ କୁମାର ସେଠୀ। ଦୀପାବଳି ହେଉଛି ଆଲୋକର ପର୍ବ। ଅନ୍ୟାୟ ଉପରେ ନ୍ୟାୟର ବିଜୟ। ଅନ୍ଧାର ଉପରେ ଆଲୋକର ବିଜୟ। କେବଳ ସବୁଜ ବାଣ ବ୍ୟବହାର କରିବାକୁ କୋର୍ଟଙ୍କ ନିର୍ଦ୍ଦେଶ ରହିଛି। ଅଦାଲତ ନିର୍ଦ୍ଦେଶକୁ ସମ୍ମାନ ଜଣାଇ ରାତି ୮ଟାରୁ ୧୦ଟା ଯାଏ ଘରେ ଦୀପାବଳି ପାଳନ କରିବାକୁ ଜିଲାପାଳ ଆହ୍ୱାନ ଦେଇଛନ୍ତି।

### ୩ ପଜିଟିଭ୍ ଚିହ୍ନଟ

**ଢେଙ୍କାନାଳ ଅଫିସ, ୩।୧୧:** ଢେଙ୍କାନାଳ ଜିଲାରୁ ବୁଧବାର ୩ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ତନ୍ମଧ୍ୟରେ ଢେଙ୍କାନାଳ ପୌରାଞ୍ଚଳ, ସଦର ବ୍ଲକ ଏବଂ ଭୁବନ ବ୍ଲକରୁ ଜଣେ ଲେଖାଏ ଅଛନ୍ତି। ଏହାପରେ ଜିଲାରେ ମୋଟ ପଜିଟିଭ୍ ସଂଖ୍ୟା ୧୯ ହଜାର ୮୭୯ରେ ପହଞ୍ଚିଛି। ଚିକିତ୍ସାପରେ ୧୯ ହଜାର ୬୦୧ଜଣ ସୁସ୍ଥ ହୋଇସାରିଥିବାବେଳେ ୨୪୩ଜଣଙ୍କ ମୃତ୍ୟୁ ଘଟିଛି। ଜିଲାରେ ସକ୍ରିୟ ମାମଲା ୩୫କୁ ବୃଦ୍ଧି ପାଇଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

### ଜେସିବି ଧକ୍କାରେ ଯୁବକ ମୃତ

**ସାତମାଇଲ, ୩।୧୧(ଡି.ଏନ୍.ଏ.):** ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ବାଲିମୀ ଥାନା ଅନ୍ତର୍ଗତ ଖଜୁରିଆକଟା ସାପ୍ତାହିକ ହାଟରେ ବୁଧବାର ଦୁର୍ଘଟଣା ଘଟିଛି। ପରିବା କିଣୁଥିବାବେଳେ ଜେସିବି ଧକ୍କାରେ କୁକୁଟା ଗ୍ରାମର ସୁଧାରକାର ବାରିକ (୪୭)ଙ୍କ ମୃତ୍ୟୁ ଘଟିଛି। ଦୁର୍ଘଟଣା ଘଟାଇ ଜେସିବି ଫେରାର ହୋଇଯାଇଥିଲା। ସ୍ଥାନୀୟ ଲୋକଙ୍କଠାରୁ ସୂଚନା ପାଇ ପରିବାର ସଦସ୍ୟ ପହଞ୍ଚି ତାଙ୍କୁ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି। ଖବର ଲେଖାଯିବା ଯାଏ ଥାନାରେ କୌଣସି ଅଭିଯୋଗ ହୋଇନାହିଁ।

### ଲୌହମାନବଙ୍କ ଅବଦାନ ଅତୁଳନୀୟ

**ଢେଙ୍କାନାଳ ଅଫିସ, ୩।୧୧:** ଢେଙ୍କାନାଳ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍) ଏବଂ ନେହେରୁ ଯୁବକେନ୍ଦ୍ରର ମିଳିତ ଆନୁକୂଲ୍ୟରେ ଜାତୀୟ ଏକତା ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ କଲେଜ ପରିସରରେ ଆୟୋଜିତ ସଭାରେ ଅଧକ୍ଷତା କରି କଲେଜ ଅଧକ୍ଷ ଡ. ରଞ୍ଜିତ କୁମାର ପ୍ରଧାନ କହିଲେ, ଦେଶ ଗଠନରେ ଲୌହମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଅବଦାନ ଅତୁଳନୀୟ। ଦେଶର ଅଖଣ୍ଡତା ପାଇଁ ତାଙ୍କର ଉତ୍ସର୍ଗୀକୃତ ମନୋଭାବ ସବୁବେଳେ ମନେରହିବ। ସମ୍ମାନିତ ଅତିଥି କାନାରା ବ୍ୟାଙ୍କ ମ୍ୟାନେଜର ସ୍ମିତା ପ୍ରଧାନ, ରାଜନୀତି ବିଜ୍ଞାନ ଅଧାପିକା ଡ. ଶୁଭସ୍ମିତା ଖୁଣ୍ଟିଆ ଉପସ୍ଥିତ ରହି ପଟେଲଙ୍କ ଜୀବନାଦର୍ଶ ଉପରେ ଆଲୋକପାତ କରିଥିଲେ। ଅଧାପକ ଡ. ଶିବାନନ୍ଦ ସାହୁ, ଡ. ଅଦ୍ୱୈତ ସାହୁ, ଡ. ଭୂପେଶ ସାହୁ, ଅଧାପିକା ଡ. ସୁରେଖା ବଳିଆରସିଂ, ଡ. ମଞ୍ଜୁଳିକା ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏନ୍‌ଏସ୍‌ଏସ୍ ଅଧିକାରୀ ଡ. ଦେବରାଜ ପରିଡ଼ାଙ୍କ ସଂଯୋଜନା କରିଥିଲେ।

### ଅନୁଗୋଳରେ ୨ ସଂକ୍ରମିତ

**ଅନୁଗୋଳ ଅଫିସ, ୩।୧୧:** ଅନୁଗୋଳ ଜିଲାରୁ ବୁଧବାର ୨ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ୍ ସଂକ୍ରମିତଙ୍କ ସଂଖ୍ୟା ୪୪ ହଜାର ୪୫୦ରେ ପହଞ୍ଚିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ନୂଆ ଆକ୍ରାନ୍ତ ଦୁଇଜଣ ହେଉଛନ୍ତି ତାଳଚେର ବ୍ଲକ ଅଞ୍ଚଳର। ଅନ୍ୟପକ୍ଷରେ ଦିନକରେ ଜିଲାରୁ ଜଣେ କରୋନାରୁ ସୁସ୍ଥ ହୋଇଛନ୍ତି।

# ଦାୟିତ୍ୱ ନ ନେବାରୁ ଦୟନୀୟ

**ଛେଣ୍ଡିପଦା, ୩।୧୧(ସ୍ୱ.ପ୍ର.)**

- ଟାଙ୍ଗିରୀ-ବାଘୁଆବୋଲ ରାସ୍ତା ଶୋଚନୀୟ
- ମରାମତି କରୁନି ଗ୍ରାମ୍ୟ ଉନ୍ନୟନ ବିଭାଗ
- ଅସୁବିଧାରେ ୨ ଜିଲାର ୭ ପଞ୍ଚାୟତବାସୀ



ଦୀର୍ଘବର୍ଷ ହେଲା ମରାମତି ହୋଇନି ଦୁଇ ଜିଲାର ସୀମାନ୍ତ ରାସ୍ତା। ଫଳରେ କେଉଁସ୍ଥାନରେ ଏହା ଦବି ଯାଇଛି ତ ଆଉ କେଉଁଠି ଲମ୍ବା ଫାଟ ସୃଷ୍ଟି ହୋଇଛି। ବାରମ୍ବାର ଦୃଷ୍ଟି ଆକର୍ଷଣ ପରେ ମଧ୍ୟ ବିଭାଗୀୟ କର୍ତ୍ତୃପକ୍ଷ ଏ ଦିଗରେ ନିଜ ଦାୟିତ୍ୱ ସମ୍ପାଦନ କରୁନାହାନ୍ତି। ଫଳରେ ଶୋଚନୀୟ ହୋଇପଡ଼ିଥିବା ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ଟାଙ୍ଗିରୀଠାରୁ ବାଘୁଆବୋଲ ଗ୍ରାମ୍ୟ ଉନ୍ନୟନ ରାସ୍ତା ଯୋଗୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଅନୁଗୋଳ ଓ ଦେବଗଡ଼ ଜିଲାର ୭ ପଞ୍ଚାୟତବାସୀ।

ପ୍ରକାଶ ଯେ, ଛେଣ୍ଡିପଦାର ଟାଙ୍ଗିରୀ ଠାରୁ ଦେବଗଡ ଜିଲାକୁ ଏହି ରାସ୍ତା ସଂଯୋଗ କରୁଛି। ଦେବଗଡର ସଙ୍ଗାପଶି, ଚଢେଇମରା, କୁଣ୍ଢେଇଗୋଳା, ଖିଲବେରେଣୀ ସମେତ ୫ ପଞ୍ଚାୟତ ଏବଂ ଛେଣ୍ଡିପଦାର ଟାଙ୍ଗିରୀ ଓ ପାଟକୁମୁଣ୍ଡା ପଞ୍ଚାୟତ ବାସିନ୍ଦା ଏହା ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ। ୨୦୦୩ରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ଏହାକୁ ସାମିଲ କରାଯାଇ ୩.୫ କିଲୋମିଟର ପିଚୁ କରାଯାଇଥିଲା। ହେଲେ ମରାମତି ଅଭାବରୁ ଉକ୍ତ ରାସ୍ତା ଶୋଚନୀୟ ହୋଇପଡିଛି। ଟାଙ୍ଗିରୀସ୍ଥିତ ଆଉଁଳୀ ପୋଲ ନିକଟରେ ଏହି ରାସ୍ତା ୩ବର୍ଷ ତଳେ ଦବିଯିବା ସହ ପ୍ରାୟ ୫ ଫୁଟ୍‌ର ଗର୍ତ୍ତ ସୃଷ୍ଟି ହୋଇଛି। ଫଳରେ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାକୁ ନେଇ ପାଟକୁମୁଣ୍ଡା, ଭାଲୁଖାଇ, ବାଘୁଆବୋଲ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ସମସ୍ୟା ସମ୍ପର୍କରେ ଛେଣ୍ଡିପଦା ଗ୍ରାମ୍ୟ ଉନ୍ନୟନ ବିଭାଗ କନିଷ୍ଠଯନ୍ତ୍ରୀ ଚିତ୍ତରଞ୍ଜନ ସାହୁ କହିଛନ୍ତି, ରାସ୍ତା ଖରାପ ନେଇ କୌଣସି ଅଭିଯୋଗ ଆସିନାହିଁ। ତଦନ୍ତ ପରେ ମରାମତି କାର୍ଯ୍ୟ କରାଯିବ।

**ଦୈନିକ ଦୁର୍ଘଟଣା ଘଟୁଛି**



"ତିନି ବର୍ଷ ହେବ ରାସ୍ତା ଦବି ଯାଇଛି। ଏପରି କି ବର୍ଷା ଯୋଗୁ ୩୦ ଫୁଟରୁ ଅଧିକ ଫାଟ ସୃଷ୍ଟି ହୋଇଛି। ଏଠାରେ ଦୈନିକ ଛୋଟବଡ ଦୁର୍ଘଟଣା ଘଟୁଛି। ହେଲେ ମରାମତି ଦିଗରେ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଉ ନାହିଁ।

-ରମେଶ ଚନ୍ଦ୍ର ପ୍ରଧାନ, ପାଟକମୁଣ୍ଡା

**ଲୋକେ ଅସୁବିଧା ଭୋଗୁଛନ୍ତି**



"ରାସ୍ତାର ଅଧିକାଂଶ ସ୍ଥାନରୁ ପିଚୁ ଉଠି ଖାଲଖମା ହୋଇଯାଇଛି। ଦୀର୍ଘବର୍ଷ ହେଲା ମରାମତି କରାଯାଇ ନ ଥିବାରୁ ଏହା ଉପରେ ନିର୍ଭର କରୁଥିବା ଦୁଇ ଜିଲାବାସୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

-ଡିଲେଶ୍ୱର ସ୍ୱାଇଁ, ସରପଞ୍ଚ, ପାଟକମୁଣ୍ଡା

**ଯଥାଶୀଘ୍ର ମରାମତି କରାଯାଉ**



"ବକଳା-ନୂଆସାହି ଠାରେ ରାସ୍ତା ଫାଟି ଯାଇଛି। ଖାଲଖମାଗୁଡ଼ିକରେ ବର୍ଷା ପାଣି ଜମି ରହୁଥିବାରୁ ବାଇକ୍ ଚାଳକମାନେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଗ୍ରାମ୍ୟ ଉନ୍ନୟନ ବିଭାଗ ଯଥାଶୀଘ୍ର ମରାମତି କରୁ।

-ଅମିୟ ଚରଣ ସାହୁ, ପାଟକମୁଣ୍ଡା

# ରାସ୍ତା, ରେଲରୋକୋ ଚେତାବନୀ

**ବଇଣ୍ଡା, ୩।୧୧(ଡି.ଏନ.ଏ.)**

କିଶୋରନଗର ବ୍ଲକ ଗୁଣ୍ଡୁରୀମୁଣ୍ଡା ଠାରେ ଥିବା କୋଇଲା ଡିପୋକୁ ନେଇ ଅସନ୍ତୋଷ ଲାଗି ରହିଛି। ଏହି ଡିପୋକୁ ଅନ୍ୟତ୍ର ସ୍ଥାନାନ୍ତର ପାଇଁ ମା' ମାହେଶ୍ୱରୀ ଆଞ୍ଚଳିକ କ୍ଷତିଗ୍ରସ୍ତ ପ୍ରଜାସଂଘ ହଣ୍ଡପା ପକ୍ଷରୁ ବାରମ୍ବାର ଆନ୍ଦୋଳନ ସହ ପ୍ରଶାସନକୁ ଦାବିପତ୍ର ଦିଆଯାଇଛି। ହେଲେ ଏ ଦିଗରେ ପଦକ୍ଷେପ ନିଆଯାଉ ନ ଥିବାରୁ ଆଗାମୀ ଦିନରେ ରାସ୍ତା ଓ ରେଳ ରୋକୋ କରାଯିବ ବୋଲି ପ୍ରଜାସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଏ ନେଇ ପ୍ରଜାସଂଘର ଏକ ବୈଠକ ବୁଧବାର ଅନୁଷ୍ଠିତ ହୋଇଥିଲା। କମିଟି ସଭାପତି ପ୍ରଦୀପ କୁମାର ବେହେରାଙ୍କ ସହ ରାଜକିଶୋର ଅମାନ୍ତ, ବିଶିକେଶନ ବିଶ୍ୱାଳ, ସିପୁକାନ୍ତ ପରିଡା, ରଞ୍ଜନ ବିଶ୍ୱାଳ, ସମୀର ସାହୁ, ସବିତା ସାହୁ, ଲିଲି ରାଉତ, ତପସ୍ୱିନୀ ପ୍ରଧାନ, ରୋହିଣୀ ପ୍ରଧାନ, ରୀତା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ୧୫ ଦିନ ମଧ୍ୟରେ ଏହି ଡିପୋ ଅନ୍ୟତ୍ର ସ୍ଥାନାନ୍ତର କରା ନ ଗଲେ କଟକ-ସମ୍ବଲପୁର ୫୫ ନମ୍ବର ଜାତୀୟ ରାଜପଥ ଓ ରେଳପଥ ଅବରୋଧ କରାଯିବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା।



ବୈଠକରେ ଉପସ୍ଥିତ କର୍ମକର୍ତ୍ତା ଓ ଅଞ୍ଚଳବାସୀ।

# ଦୁର୍ଘଟଣାରେ ୨ ବାଇକ୍ ଆରୋହୀ ମୃତ

**ପାଲଲହଡ଼ା, ୩।୧୧(ଡି.ଏନ.ଏ.)**

ଅନୁଗୋଳ ଜିଲା ପାଲଲହଡା ବଜାର ନିକଟସ୍ଥ ୧୪୯ ନଂ. ଜାତୀୟ ରାଜପଥର ବାଇପାସ ବସ୍‌ଷ୍ଟାଣ୍ଡ ନିକଟରେ ବୁଧବାର ସନ୍ଧ୍ୟାରେ ଟ୍ରେଲର ଧକ୍କାରେ ଦୁଇ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ପାଲଲହଡ଼ା ଥାନା କମ୍ପରକେଳା ଗ୍ରାମର ଜନ୍ମେଜୟ ବେହେରା (୧୪) ଏବଂ ଉଦିତନଗରର ଆକାଶ ବେହେରା(୨୨)। ଉଭୟେ ପାଲଲହଡା ଅଭିମୁଖେ ଆସୁଥିବାବେଳେ ଏକ ଟ୍ରେଲର ଧକ୍କା ଦେଇଥିଲା। ଖବରପାଇ ଅଗ୍ନିଶମ କର୍ମଚାରୀମାନେ ସେମାନଙ୍କୁ ଉଦ୍ଧାର କରି ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି।

# ନିଆଁ ଲାଗି ଜଳିଗଲା ୩ ବଖରା

**ଛେଣ୍ଡିପଦା, ୩।୧୧(ସ୍ୱ.ପ୍ର.)**

ଛେଣ୍ଡିପଦା ବ୍ଲକ ବାଲିପଟା ହରିଜନ ସାହିରେ ମଙ୍ଗଳବାର ଅଗ୍ନିକାଣ୍ଡ ଘଟି ମନ୍ମଥ ନାଏକଙ୍କ ୩ବଖରା ଜଳିଯାଇଛି। ଖବରପାଇ ଛେଣ୍ଡିପଦା ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସେତେବେଳକୁ ମନ୍ମଥଙ୍କ ୩ ବଖରା ପୋଡି ପାଉଁଶ ହୋଇଯାଇଥିଲା। ଅଗ୍ନିକାଣ୍ଡରେ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଓ ଆସବାବପତ୍ର ପୋଡିଯାଇଥିବା ମନ୍ମଥ ପ୍ରକାଶ କରିଛନ୍ତି।

# ମହିଳାଙ୍କୁ ଅସଦାଚରଣ, ଥାନାରେ ମାମଲା

**ଛେଣ୍ଡିପଦା, ୩।୧୧(ସ୍ୱ.ପ୍ର.)**

ଛେଣ୍ଡିପଦା ଥାନା ଅଞ୍ଚଳରେ ଜଣେ ମହିଳାଙ୍କୁ ଅସଦାଚରଣ କରାଯାଇଥିବା ଥାନାରେ ଅଭିଯୋଗ ହୋଇଛି। ପୋଲିସ କହିଛି, ଗତ ରବିବାର ସନ୍ଧ୍ୟାରେ ଦେବଗଡ ଜିଲା କୁଣ୍ଢେଇଗୋଳା ଥାନା ଅଞ୍ଚଳର ସମ୍ପୃକ୍ତା ମହିଳା ବସ୍‌ରେ ଆସି ବାଗଡିଆ ବଜାରଠାରେ ଓହ୍ଲାଇ ଥିଲେ। ଏହି ସମୟରେ ପୁରୁଣାଗଡ ଗ୍ରାମର ଲିପୁନ୍ କୁମାର ସାହୁ ଏବଂ ତାଙ୍କ ସହଯୋଗୀ ମହିଳାଙ୍କ ପାଖକୁ ଆସି ତାଙ୍କୁ ସାପୋଇନାଳୀ ଗ୍ରାମରେ ଛାଡି ଦେବା ପାଇଁ କହିଥିଲେ। ରାତି ହୋଇଯାଇଥିବାରୁ ମହିଳା ଜଣକ ସାପୋଇନାଳୀ ଯିବା ପାଇଁ ଲିପୁନଙ୍କ ବାଇକ୍‌ରେ ବସିଥିଲେ। ହେଲେ ଲିପୁନ ଓ ସହଯାଗୀ ମହିଳାଙ୍କୁ ଅନ୍ୟ ରାସ୍ତାରେ ନେଇ ଅସଦାଚରଣ ଉଦ୍ୟମ କରିଥିଲେ। ଏ ନେଇ ସମ୍ପୃକ୍ତା ମହିଳା ବାଗଡିଆ ଫାଣ୍ଡିରେ ଅଭିଯୋଗ କରିଥିଲେ। ପୋଲିସ ନଂ. ୫୦୭/୨୧ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଅଭିଯୁକ୍ତ ଲିପୁନ ଫେରାର ହୋଇଯାଇଥିବା ପୋଲିସ ପ୍ରକାଶ କରିଛି।

# ଏନ୍‌ଟିପିସି ନିର୍ଦ୍ଦେଶକଙ୍କ ପ୍ଲାଣ୍ଟ ପରିଦର୍ଶନ

**କଣିହାଁ, ୩।୧୧(ଡି.ଏନ.ଏ.)**

ଏନ୍‌ଟିପିସି ନିର୍ଦ୍ଦେଶକ (ଅପରେଶନ) ରମେଶ ବାବୁ ଭି. କଣିହାଁସ୍ଥିତ ପ୍ଲାଣ୍ଟ ପରିଦର୍ଶନ କରିଛନ୍ତି। କଣିହାଁ ଏନ୍‌ଟିପିସି କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ କେ. ଶ୍ରୀନିବାସ ରାଓ, ଅନ୍ୟ ଅଧିକାରୀଙ୍କ ଉପସ୍ଥିତିରେ ସେ କଣ୍ଟ୍ରୋଲ ରୁମ୍, ଟ୍ରାକ ହୋପର ସାଇଟ, ଖଣି ଏବଂ ଏଫଜିଡି ସାଇଟ ପରିଦର୍ଶନ କରିଥିଲେ। ପରେ ଏକ ସମୀକ୍ଷା ବୈଠକରେ ଯୋଗଦେଇ କମ୍ପାନୀ କାର୍ଯ୍ୟକୁ ନେଇ ଖୁସିବ୍ୟକ୍ତ କରିଥିଲେ। ଏହି ବୈଠକରେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ କେ. ଶ୍ରୀନିବାସ ରାଓ, ଜେନେରାଲ ମ୍ୟାନେଜର ଉପସ୍ଥିତ ଥିଲେ। ଏହାପରେ ରମେଶ କଣିହାଁ ଏନ୍‌ଟିପିସିର ବରିଷ୍ଠ ଅଧିକାରୀ ଏବଂ ସଂଘ ସହ ଆଲୋଚନା କରିଥିଲେ। ଶେଷରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



ଏନ୍‌ଟିପିସି ନିର୍ଦ୍ଦେଶକ ପ୍ଲାଣ୍ଟ ପରିଦର୍ଶନ କରୁଛନ୍ତି।

# ଉନ୍ନତ ପ୍ରଦର୍ଶନ ପାଇଁ ଏମ୍‌ସିଏଲ୍ ପୁରସ୍କୃତ

**ତାଳଚେର, ୩।୧୧(ନି.ପ୍ର.)**

ଉପଭୋକ୍ତାମାନଙ୍କୁ ଗୁଣାତ୍ମକ କୋଇଲା ପ୍ରେରଣ ଏବଂ କର୍ପୋରେଟ ସାମାଜିକ ଉତ୍ତରଦାୟିତ୍ୱ (ସିଏସ୍‌ଆର୍)କ୍ଷେତ୍ରରେ ଉଲ୍ଲେଖନୀୟ ଯୋଗଦାନ ନିମନ୍ତେ ମହାନଦୀ କୋଲ୍‌ଫିଲଡ୍ସ ଲି. (ଏମ୍‌ସିଏଲ୍)କୁ ସର୍ବଶ୍ରେଷ୍ଠ ସହାୟକ କମ୍ପାନୀ ପୁରସ୍କାର ସମେତ ମୋଟ ୬ଟି ପୁରସ୍କାର ପ୍ରଦାନ କରାଯାଇଛି। କୋଲକାତାରେ ଆୟୋଜିତ କୋଲ୍ ଇଣ୍ଡିଆର ୪୭ତମ ପ୍ରତିଷ୍ଠା ଦିବସ ଅବସରରେ ବିଗତ ଆର୍ଥିକ ବର୍ଷରେ ଉନ୍ନତ ପ୍ରଦର୍ଶନ ଆଧାରରେ ଏମ୍‌ସିଏଲ୍‌କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। କୋଲ୍ ଇଣ୍ଡିଆ ଅଧ୍ୟକ୍ଷ ପ୍ରମୋଦ ଅଗ୍ରୱାଲ ଏମ୍‌ସିଏଲ୍ ସିଏମ୍‌ଡି ପି.କେ. ସିହ୍ନାଙ୍କୁ ଏହି ପୁରସ୍କାର ପ୍ରଦାନ କରିଥିଲେ। ଏହି ସମାରୋହରେ କୋଇଲା ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ ଏବଂ ରାଷ୍ଟ୍ରମନ୍ତ୍ରୀ ରାଓ ସାହେବ ପାଟିଲ ଦାନଭେ ଭିଡିଓ କନଫରେନ୍ସିଂ ଜରିଆରେ ଯୋଡ଼ି ହୋଇଥିଲେ। ସେହିପରି ଲଖନପୁର ମହାପ୍ରବନ୍ଧକ ଏ.କେ. ସିଂହଙ୍କୁ ସର୍ବଶ୍ରେଷ୍ଠ କ୍ଷେତ୍ରୀୟ ମହାପ୍ରବନ୍ଧକ ଭାବେ ଓ ଜଗନ୍ନାଥ କ୍ଷେତ୍ର ମହାପ୍ରବନ୍ଧକ ପି.ବି. ରେଡ୍ଡୀଙ୍କୁ ବିଶେଷ ଯୋଗଦାନ ନିମନ୍ତେ ପୁରସ୍କୃତ କରାଯାଇଥିଲା। ମହାପ୍ରବନ୍ଧକ (ବିପଣନ ଏବଂ ବିକ୍ରୟ) ତଥା ବିପଣନ ଏ.କେ. ଗୁପ୍ତା ଏବଂ ବିକ୍ରୟ ବିଭାଗର ପ୍ରମୁଖଙ୍କୁ ସର୍ବଶ୍ରେଷ୍ଠ ବିଭାଗାଧ୍ୟକ୍ଷ ପୁରସ୍କାରରେ ସମ୍ମାନିତ କରାଯାଇଥିଲା।




ଏମ୍‌ସିଏଲ୍ ସିଏମ୍‌ଡିଙ୍କୁ ପୁରସ୍କାର ପ୍ରଦାନ କରାଯାଉଛି।

# ଦୁର୍ନୀତି ନିବାରଣ ସଚେତନତା

**କଣିହାଁ, ୩।୧୧(ଡି.ଏନ.ଏ.)**

ଅନୁଗୋଳ ଜିଲା କଣିହାଁସ୍ଥିତ ଏନ୍‌ଟିପିସି ପ୍ରକଳ୍ପଠାରେ ଗତ ଅକ୍ଟୋବର ୨୬ ରୁ ନଭେମ୍ବର ୧ ତାରିଖ ପର୍ଯ୍ୟନ୍ତ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳିତ ହୋଇଯାଇଛି। କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ କେ. ଶ୍ରୀନିବାସ ରାଓଙ୍କ ନେତୃତ୍ୱରେ ଏହା ପରିଚାଳିତ ହୋଇଥିଲା। ଏଥିରେ ପ୍ଲାଣ୍ଟର ବିଭିନ୍ନ ବିଭାଗୀୟ ମୁଖ୍ୟ ଏବଂ କର୍ମଚାରୀମାନେ ଯୋଗ ଦେଇଥିଲେ। ଏହି ଅବସରରେ କମ୍ପାନୀ ପାର୍ଶ୍ୱବର୍ତ୍ତୀ ଗ୍ରାମରେ ସଚେତନତା ଶୋଭାଯାତ୍ରା, ପଦଯାତ୍ରା, ସ୍ଲୋଗାନ ପ୍ରତିଯୋଗିତା ଏବଂ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଗତ ୩୦ ତାରିଖ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅନୁଗୋଳ ଏସ୍‌ପି ଜଗମୋହନ ମୀନା ଯୋଗଦେଇଥିଲେ। ସେହିପରି କଣିହାଁ ଟାଉନ୍‌ଶିପ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ପାଇଁ ପୋଷ୍ଟର ଏବଂ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

# ଫୁଟ୍‌ସଲ-୨୦୨୧: ଜୋସ୍ ଟିମ୍ ଚାମ୍ପିୟନ

**ଅନୁଗୋଳ ଅଫିସ, ୩।୧୧**

ଅନୁଗୋଳସ୍ଥିତ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଲିମିଟେଡ୍ (ଜେଏସ୍‌ପିଏଲ୍)ର ଜିନ୍ଦଲ ଅଫିସର୍ସ କ୍ଲବ ଦ୍ୱାରା ଆୟୋଜିତ ଅନ୍ତଃ ବିଭାଗୀୟ ବାର୍ଷିକ ଫୁଟବଲ ଟୁର୍ନାମେଣ୍ଟ ଫୁଟସଲ-୨୦୨୧ ଉଦ୍‌ଯାପିତ ହୋଇଛି। ଏଥିରେ ରୟାଲ ଡାଇନାମୋ ଦଳକୁ ୧-୦ ଗୋଲରେ ହରାଇ ଜୋସ୍ ଟିମ୍ ଚମ୍ପିୟନ ହୋଇଛି। ପ୍ଲାଣ୍ଟ ମୁଖ୍ୟ ହୃଦୟେଶ୍ୱର ଝା ଏବଂ ଷ୍ଟିଲ ମେକିଙ୍ଗ ଓ ମିଲସ୍‌ର ନିର୍ବାହୀ ନିର୍ଦ୍ଦେଶକ ସବ୍ୟସାଚୀ ବନ୍ଦୋପାଧ୍ୟାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ସିଜିପି ବିଭାଗର ଇଭିପି ଏ.ଏନ. ତିୱାରୀ, ଜିନ୍ଦଲ ଅଫିସର୍ସ କ୍ଲବ ସାଧାରଣ ସମ୍ପାଦକ ସୁଶୀଲ ଲୋଧିଙ୍କ ସମେତ ଅନେକ ବିଭାଗୀୟ ମୁଖ୍ୟ ଉପସ୍ଥିତ ଥିଲେ। ଗତ ୨୨ ତାରିଖରେ ନିର୍ବାହୀ ନିର୍ଦ୍ଦେଶକ ଦାମୋଦର ମିତ୍ତଲ ଏବଂ ସବ୍ୟସାଚୀ ବନ୍ଦୋପାଧ୍ୟାୟ ଏହି ପ୍ରତିଯୋଗିତାର ଉଦ୍‌ଘାଟନ କରିଥିଲେ। ସ୍ୱଦେଶ ରାଉତ ଏବଂ ଅଜୟ ଶର୍ମା ସ୍ୱର୍ଣ୍ଣ ବୁଟ ଜିତିଥିଲେ। ଭାସ୍କର ହାଲଦାର ଶ୍ରେଷ୍ଠ ଖେଳାଳି ହୋଇଥିଲେ।



ଅତିଥିଙ୍କ ସହ ଚାମ୍ପିୟନ ଟିମ୍‌ର ଖେଳାଳିମାନେ।

# ସିଏସ୍‌ଆର୍ କ୍ଷେତ୍ର ପାଇଁ ପୁରସ୍କାର




ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ପୁରସ୍କାର ପ୍ରଦାନ କରୁଛନ୍ତି।

**କଣିହାଁ, ୩।୧୧(ଡି.ଏନ.ଏ.)**

କର୍ପୋରେଟ ସାମାଜିକ ଦାୟିତ୍ୱବୋଧ କ୍ଷେତ୍ରରେ ଉଲ୍ଲେଖନୀୟ ଅବାଦାନ ଏବଂ ସେବା ପାଇଁ କଣିହାଁ ଏନ୍‌ଟିପିସିକୁ ଓଡ଼ିଶା ସିଏସ୍‌ଆର୍ ଫୋରମ ପୁରସ୍କାର ପ୍ରଦାନ କରାଯାଇଛି। ମୁଖ୍ୟଅତିଥି ଭାବେ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ଯୋଗଦେଇ ଡିଜିଏମ୍ ଏଚ୍‌ଆର୍ ଜାକିର ଖାନ, ଜୁନିୟର ଅଫିସର ଏଚ୍‌ଆର୍ ଭୀଷ୍ମଦେବ ନାୟକଙ୍କୁ ଏହି ପୁରସ୍କାର ପ୍ରଦାନ କରିଥିଲେ। ଶିକ୍ଷା, ସ୍ୱାସ୍ଥ୍ୟ, ନିରାପଦ ପାନୀୟ ଜଳ ସୁନିଶ୍ଚିତ କରିବା, ଗ୍ରାମୀଣ ଭିତ୍ତିଭୂମିରେ ବିନିଯୋଗ ଆଦି କ୍ଷେତ୍ରରେ ନିରନ୍ତର ଉଦ୍ୟମ ପାଇଁ ଏନ୍‌ଟିପିସି ସିଏସ୍‌ଆର୍ ଦଳକୁ ପ୍ରଶଂସା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅନେକ ସରକାରୀ ଏବଂ ବେସରକାରୀ ଶିଳ୍ପର ଅଧିକାରୀମାନେ ଉପସ୍ଥିତ ଥିଲେ।

# ଆଜି ମଧ୍ୟରାତ୍ରରେ ଧରାବତରଣ

**ଭୁବନ, ୩।୧୧(ଡି.ଏନ୍.ଏ.)**

- ଭୁବନର ୪ ମଣ୍ଡପରେ କାଳୀ ପୂଜା ପ୍ରସ୍ତୁତି ଶେଷ
- କଟକଣାରେ ସମ୍ପନ୍ନ ହେବ ସମସ୍ତ କାର୍ଯ୍ୟକ୍ରମ

ଢେଙ୍କାନାଳ ଜିଲା ଭୁବନ ଏନ୍‌ଏସି ଏବଂ ବ୍ଲକର ପ୍ରସିଦ୍ଧ କାଳୀପୂଜା ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଚଳିତବର୍ଷ ୪ ସ୍ଥାନରେ ପୂଜା ଅନୁଷ୍ଠିତ ହେଉଛି। ଗୁରୁବାର ମଧ୍ୟରାତ୍ରରେ ମା' ଧରାବତରଣ କରିବେ। ସରକାରୀ ଗାଇଡ୍‌ଲାଇନ୍ ଅନୁଯାୟୀ ସମସ୍ତ କାର୍ଯ୍ୟକ୍ରମ ସମ୍ପନ୍ନ ହେବାକୁ ଥିବାବେଳେ ମା'ଙ୍କ ସ୍ୱାଗତ ପାଇଁ ଚଳଚଞ୍ଚଳ ହୋଇଉଠିଛି ପୂଜାମଣ୍ଡପ।

ଏନ୍‌ଏସିର କାଳୀବଜାର ବଣିକ ସଂଘ ପକ୍ଷରୁ ଅନୁଷ୍ଠିତ କାଳୀପୂଜାର ସ୍ୱତନ୍ତ୍ରତା ରହିଛି। ସବୁବର୍ଷ ମା'ଙ୍କ ପୂଜା ସମୟରେ ଅଞ୍ଚଳର ଲୁକ୍କାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣିବାକୁ ନୃତ୍ୟଗୀତ ସହ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଉଥିଲା। ହେଲେ ୨ ବର୍ଷ ହେଲା ମହାମାରୀ ପାଇଁ କେବଳ ପରମ୍ପରା ରକ୍ଷା ଲାଗି ପୂଜା ଅନୁଷ୍ଠିତ ହେଉଛି। ସାଂସ୍କୃତିକ କାର୍ଯ୍ୟକ୍ରମ ତଥା ନୃତ୍ୟସଙ୍ଗୀତ ପ୍ରତିଯୋଗିତା ବନ୍ଦରହିଛି। ଚଳିତବର୍ଷ ପୂଜା ବଜେଟ୍ କମାଇ ଦିଆଯାଇଥିବାବେଳେ ମଣ୍ଡପରେ କେବଳ ନୀତି ଅନୁଷ୍ଠିତ ହେବ। ଚଳିତବର୍ଷ ସୁଧାଂଶୁ ଶେଖର ଶତପଥୀ ପୁରୋଧା ଭାବେ ଦାୟିତ୍ୱ ନିର୍ବାହ କରିବେ। ଗୁରୁବାର ମଧ୍ୟରାତ୍ରରୁ ମା'ଙ୍କ ପୂଜା ଆରମ୍ଭ ହେବ। ଏଥିପୂର୍ବରୁ କଳସ ସ୍ଥାପନ କରାଯିବ। ରାତି ସାଢ଼େ ୧ଟା ମଧ୍ୟରେ ମୁଖ୍ୟପୂଜା, ୨ଟାରେ ପ୍ରାଣ ପ୍ରତିଷ୍ଠା ସମ୍ପନ୍ନ ହେବ। ଏହାପରେ ବୈଦିକ ନୀତି ଅନୁଯାୟୀ ମହାଆଳତି କରାଯିବ। ମଣ୍ଡପରେ ୫ଦିନ ପୂଜା ଅନୁଷ୍ଠିତ ହେବାକୁ ଥିବାବେଳେ ଶନିବାର ସାମୂହିକ ପ୍ରସାଦ ସେବନ, ସୋମବାର ମଣ୍ଡପରେ ଆନୁଷ୍ଠାନିକ ବିସର୍ଜନ ଏବଂ ବୁଧବାର ଭସାଣି ଲାଗି ନିଷ୍ପତ୍ତି ହୋଇଛି। ସେହିପରି ସିନେମା ହଲ୍ ଛକରେ ମଧ୍ୟ ଅନୁରୂପ ପୂଜା ପାଳନ କରାଯିବ।

ଅପରପକ୍ଷେ ମୃଦଙ୍ଗା ହାଟଛକ ଏବଂ ମଠକରଗୋଳାରେ ପାରମ୍ପରିକ ନୀତି ଅନୁଯାୟୀ ମା'କାଳୀଙ୍କ ପୂଜା ଅନୁଷ୍ଠିତ ହେବ। ମଣ୍ଡପରେ ରବିବାର ବିସର୍ଜନ କାର୍ଯ୍ୟକ୍ରମ ସମାପନ ହେବାକୁ ଥିବାବେଳେ ସୋମବାର ମା'ଙ୍କୁ ମେଲାଣି ଦିଆଯିବ। ସର୍ବସାଧାରଣଙ୍କ ଦର୍ଶନ ବାରଣ ଥିବାବେଳେ ସମସ୍ତ ମଣ୍ଡପରେ କଟକଣା କଡ଼ାକଡ଼ି ପାଳନ କରାଯିବ ବୋଲି ପୂଜା ପ୍ରତିଷ୍ଠାନ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିବା ସୂଚନା ମିଳିଛି।



ବଣିକ ସଂଘର ମା'ଙ୍କ ମୃଣ୍ମୟୀ ପ୍ରତିମା।



# ଜାଲିଆତି କରି ୨୧ ଟନ୍ କୋକ୍ ଚାଲାଣ

## ଟ୍ରକ୍, କମ୍ପ୍ୟୁଟର, ମୋବାଇଲ ଜବତ: ୨ ଗିରଫ




**ଢେଙ୍କାନାଳ ଅଫିସ, ୩।୧୧**

କାଗଜପତ୍ର ଜାଲିଆତି କରି ଏକ ଡିପୋରୁ ଲକ୍ଷାଧିକ ଟଙ୍କାର କୋଇଲା ଚୋରାଚାଲାଣ କରିଥିବା ଅଭିଯୋଗରେ ଢେଙ୍କାନାଳ ଜିଲା ରାସୋଳ ଥାନା ପୋଲିସ ୨ଜଣଙ୍କୁ ଗିରଫ କରିଛି। ସେମାନଙ୍କଠାରୁ କୋଇଲା ଚୋରା ଚାଲାଣରେ ବ୍ୟବହୃତ ଏକ ଟ୍ରକ୍, ୫ ନକଲି ଷ୍ଟାମ୍ପ, କମ୍ପ୍ୟୁଟର, ୧୦ ପ୍ରି-ଆକ୍ଟିଭେଟେଡ୍ ସିମକାର୍ଡ, ୪ ମୋବାଇଲ ସମେତ ବ୍ୟାଙ୍କ କାଗଜପତ୍ର ଜବତ କରାଯାଇଛି। ଚୋରାଚାଲାଣ ହୋଇଥିବା କୋଇଲାର ମୂଲ୍ୟ ୨ଲକ୍ଷ ଟଙ୍କା ହେବ ବୋଲି ଜିଲା ପୋଲିସ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି। ସୂଚନାଯୋଗ୍ୟ, ରାସୋଳ ଥାନା କାରନ୍ଦା ଅଞ୍ଚଳରେ ଥିବା ଆସୁରାନ୍ସ ମେଟାଲଏଡ୍ ପ୍ରାଇଭେଟ୍ ଲିମିଟେଡ୍ ଡିପୋରୁ ସମ୍ପୃକ୍ତ ୨ ଅଭିଯୁକ୍ତ କାଗଜପତ୍ର ଓ ନମ୍ବର ଜାଲିଆତି କରି ଏକ ଟ୍ରକ୍‌ରେ ୨୧ ଟନ୍ କୋଇଲା ଚୋରାଚାଲାଣ କରିଥିଲେ। ଏ ନେଇ ଡିପୋ ମ୍ୟାନେଜରଙ୍କ ଅଭିଯୋଗକ୍ରମେ ଗତ ସେପ୍ଟେମ୍ବର ୨୬ରେ ନଂ. ୧୭୫/୨୧ରେ ଏକ ମାମଲା ରୁଜୁ କରାଯାଇଥିଲା। ପୋଲିସ ମାମଲାର ତଦନ୍ତ ଚଳାଇଥିଲା।

# ସମସ୍ତ ଆସନରେ ପ୍ରାର୍ଥୀ ଦେବ ଏଏପି

**ଢେଙ୍କାନାଳ ଅଫିସ, ୩।୧୧**

ଆମ୍ ଆଦ୍‌ମୀ ପାର୍ଟି (ଏଏପି) ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଓଡ଼ିଶାର ସବୁ ଆସନରେ ପ୍ରାର୍ଥୀ ଦେବ। ଢେଙ୍କାନାଳସ୍ଥିତ ଦଳୀୟ ଜିଲା କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ରାଜ୍ୟ ପ୍ରଭାରୀ

**ପଞ୍ଚାୟତ ନିର୍ବାଚନ ପ୍ରସ୍ତୁତି**

ତଥା ରାଜ୍ୟସଭା ସଦସ୍ୟ ସଞ୍ଜୟ ସିଂ ମଙ୍ଗଳବାର ଏହି ସୂଚନା ଦେଇଛନ୍ତି। ଜିଲା ଆବାହକ ପଙ୍କଜ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଖବରଦାତା ସମ୍ମିଳନୀରେ ଜିଲାର ୫୦ରୁ ଊର୍ଦ୍ଧ୍ୱ ପଞ୍ଚାୟତର ସକ୍ରିୟ ସଦସ୍ୟ ଅଂଶଗ୍ରହଣ କରିଥିଲେ।

ପଞ୍ଚାୟତ ନିର୍ବାଚନ ପାଇଁ ୬ ଜିଲାସ୍ତରୀୟ କମିଟି ଗଠନ କରିବାକୁ ପ୍ରସ୍ତାବ ଦିଆଯାଇଛି। ପଞ୍ଚାୟତ ଏବଂ ଜିଲା ପରିଷଦ ଆସନରେ ଦଳୀୟ ପାର୍ଥୀ ନିର୍ବାଚନ ଲଢ଼ିବେ। ବିନା ମଦ, ମାଂସ ଓ ଟଙ୍କାରେ ନିର୍ବାଚନ ମଇଦାନକୁ ଓହ୍ଲାଇବା ନେଇ ଦଳୀୟ କର୍ମୀ ମତ ଦେଇଥିଲେ। ଏହି ଅବସରରେ ଜିଲା କାର୍ଯ୍ୟକାରୀ କମିଟି, ପ୍ରଚାର କମିଟି, ନିର୍ବାଚନ କମିଟି, ଯୁବ କମିଟି, ମହିଳା କମିଟି, ଆର୍ଥିକସ୍ଥିତି ସୁଧାର କମିଟି ଗଠନ କରାଯାଇଛି।

ରମେଶ ଚନ୍ଦ୍ର ପଣ୍ଡା, ପର୍ଶୁରାମ ମହାଭୋଇ, ବରିଷ୍ଠ ସଦସ୍ୟ ରାଜୀବ କର, ହେମନ୍ତ ଧଳ, ସନାତନ ନାଏକ, ସନ୍ଧ୍ୟାରାଣୀ ସାହୁ, ଲିଙ୍ଗରାଜ ସାହୁ, ଦେବାନନ୍ଦ ହୋତା ପ୍ରମୁଖ ବହୁ କର୍ମୀ ଯୋଗଦେଇଥିଲେ। ଏଏପିର ଆଦର୍ଶରେ ଅନୁପ୍ରାଣିତ ହୋଇ ୫ଜଣ ଦଳର ପ୍ରାଥମିକ ସଦସ୍ୟତା ଗ୍ରହଣ କରିଥିଲେ। ଓଡ଼ାପଡ଼ା ବ୍ଲକ୍ ଉପସଭାପତି ଲକ୍ଷ୍ମଣ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।



ବୈଠକରେ ଏଏପିର କାର୍ଯ୍ୟକର୍ତ୍ତାମାନେ।

# ଭାଜପା ନଗରମଣ୍ଡଳ ବୈଠକ

**ଢେଙ୍କାନାଳ ଅଫିସ, ୩।୧୧**

ଢେଙ୍କାନାଳ ଜିଲା ଭାଜପା କାର୍ଯ୍ୟାଳୟରେ ହିନ୍ଦୋଳ ନିର୍ବାଚନମଣ୍ଡଳୀ ଅଧୀନ ହାଡୁରା ଏବଂ ହିନ୍ଦୋଳ ନଗରମଣ୍ଡଳର କାର୍ଯ୍ୟକର୍ତ୍ତାଙ୍କୁ ନେଇ ବୁଧବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ନଗରମଣ୍ଡଳ ସଭାପତି ସନ୍ତୋଷ ବେହେରା ଏବଂ ବରିଷ୍ଠ ନେତା ମନୋଜ ପଟ୍ଟନାୟକଙ୍କ ପୌରୋହିତ୍ୟରେ ମୁଖ୍ୟଅତିଥି ଭାବେ ପୂର୍ବତନ ରାଜ୍ୟସଭା ସଦସ୍ୟ ରୁଦ୍ରନାରାୟଣ ପାଣି, ସମ୍ମାନିତ ଅତିଥି ଜିଲା ସଭାପତି ନରେଶ ଚନ୍ଦ୍ର ମହାପାତ୍ର, ପୂର୍ବତନ ମନ୍ତ୍ରୀ ଅଞ୍ଜଳି ବେହେରା, ରାଜ୍ୟ କୃଷକ ମୋର୍ଚ୍ଚା ଉପସଭାପତି ରାମଚନ୍ଦ୍ର ପାତ୍ର, ଜିଲା ସାଧାରଣ ସମ୍ପାଦକ ସୁନୀଲ୍ ଶର୍ମା, ଜିଲା ସମ୍ପାଦକ ସୁଶାନ୍ତ ପତି, ନଗର ମଣ୍ଡଳ ପ୍ରଭାରୀ ଅଞ୍ଜନ ପାଣି ପ୍ରମୁଖ ଯୋଗ ଦେଇଥିଲେ। ମମିତା ମେହେର ହତ୍ୟାକାଣ୍ଡ ଘଟଣାକୁ ନେଇ ଜନଆନ୍ଦୋଳନକୁ ଗ୍ରାମାଞ୍ଚଳରେ ପହଞ୍ଚାଇବା ଲାଗି ନିଷ୍ପତ୍ତି ହୋଇଛି। ଏଥିସହ କେନ୍ଦ୍ରସରକାରଙ୍କ ଜନକଲ୍ୟାଣକାରୀ ଯୋଜନାର ସୁଫଳ ଲୋକଙ୍କୁ ଜଣାଇବା ଲାଗି କର୍ମୀଙ୍କୁ ପରାମର୍ଶ ଦିଆଯାଇଛି। ସୁଶାନ୍ତ ପତି, ମନୋରଞ୍ଜନ ନାଏକ ପରିଚାଳନା କରିଥିଲେ।


ବୈଠକରେ ଉପସ୍ଥିତ ଭାଜପା କର୍ମକର୍ତ୍ତାମାନେ।



## ଓଡ଼ିଶା ସରକାର
## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
### ଅଧିସୂଚନା

**No. RDM-LAA-MBJ-0030-2021-12211 /R&DM,** **Dated: 8 APR 2021**

**No. XXI-71:-** ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ **ମୟୂରଭଞ୍ଜ ଜିଲ୍ଲାରେ ଦେଓ ଜଳସେଚନ ପ୍ରକଳ୍ପର ସାତକିଆରିଆ ସବ-ମାଇନର କେନାଲ** ନିର୍ମାଣ ନିମନ୍ତେ ସରକାର ସରକାରୀ ବ୍ୟୟରେ ମୌଜା- ସାରଙ୍ଗଗଡ଼ (ଅତିରିକ୍ତ), ଥାନା- କରଞ୍ଜିଆ ନଂ. ୧୫, ତହସିଲ- କରଞ୍ଜିଆ, ଜିଲ୍ଲା- ମୟୂରଭଞ୍ଜରେ ନିମ୍ନ ତଫସିଲ ମତେ ପ୍ରାୟ ଏ.୦.୧୯ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ;

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ (RFCTLAR&R Act 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ- ଦେଓ ଜଳସେଚନ ପ୍ରକଳ୍ପର ସାତକିଆରିଆ ସବ-ମାଇନର କେନାଲ ନିର୍ମାଣ ନିମନ୍ତେ
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ - ନିର୍ବାହୀ ଯନ୍ତ୍ରୀ, ଦେଓ କେନାଲ ଡିଭିଜନ, କରଞ୍ଜିଆ, ମୟୂରଭଞ୍ଜ ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ- ସାର୍ବଜନୀନ ଉଦ୍ଦେଶ୍ୟରେ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିବା।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ - ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ - ଭୂ-ଅର୍ଜନ ପୁନଃବସତି ଓ ଥଇଥାନ ଅଧିକାରୀ, କରଞ୍ଜିଆ, ମୟୂରଭଞ୍ଜ ।
୬. ଜମିର ବିବରଣୀ -

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତର ନାମ |
|---|---|---|---|---|---|---|---|---|
| ମୟୂରଭଞ୍ଜ | କରଞ୍ଜିଆ | ସାରଙ୍ଗଗଡ଼ (ଅତିରିକ୍ତ) | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ. ୦.୮୩ | ଏ. ୦.୧୯ | ଏଥି ସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ପୁନଃବସତି ଓ ଥଇଥାନ ଅଧିକାରୀ, କରଞ୍ଜିଆ, ମୟୂରଭଞ୍ଜଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ମୟୂରଭଞ୍ଜ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

**ରାଜ୍ୟପାଳଙ୍କ ଆଦେଶକ୍ରମେ**
**ସ୍ୱା./- ଅଭୟ କୁମାର ନାୟକ**
**ଅତିରିକ୍ତ ଶାସନ ସଚିବ**

OIPR-24001/14/0129/2122

## OFFICE OF THE CDM & PHO, BALANGIR
**(Department of Health & FW, Govt. of Odisha)**
### TENDER CALL NOTICE

**Advt. No. 4726** **Date: 30.10.2021**

No. E-585: Sealed tenders are invited from interested authorized dealer/agency of TATA agencies towards supply of TATA Winger AC Ambulance Type BBS6 for CHC, Kantabanji of Balangir district. Tender document along with all supporting documents must reach the undersigned through Registered/Speed Post on or before 10.11.2021 till 5.00 P.M. Bid documents received after the scheduled date & time will summarily be rejected. Details of bid documents are available in the district website **(www.balangir.nic.in)**. The undersigned reserves the right to accept/reject any or all bid without assigning any reason thereof.

**OIPR-10019/11/0011/2122** **Sd./- CDM & PHO, Balangir**

## Government of Odisha "e" Procurement Notice
**Bid Identification No. 44/2021-22**

No.C-1184

| | | | |
|---|---|---|---|
| 1. | Name of the Work | : | 1 No. work |
| 2. | Estimated Cost | : | **409.73 lakhs** |
| 3. | Period of Completion | : | 2 (Two) Months |
| 4. | Date & time of availability of bid document in the portal | : | From 11.00 AM of 03.11.2021 to 5.00 PM of 24.11.2021 |
| 5. | Last date/time for receipt of bids in the portal | : | 5.00 PM of 24.11.2021 |
| 6. | Name & address of the Officer inviting Bid | : | Superintending Engineer, P.H. Division, Bhubaneswar |

Further details can be seen from e-procurement portal in the website (http://tendersorissa.gov.in)

**Sd./- Superintending Engineer, P.H. Division, Bhubaneswar**

OIPR-13027/11/0004/2122

**GOVERNMENT OF ODISHA** No. b-11
## OFFICE OF THE EXECUTIVE ENGINEER, NATIONAL HIGHWAY DIVISION, JHARSUGUDA
**E-mail ID – eenhjsg@gmail.com, Ph No. 06645-271179**
### e-Procurement
**BID IDENTIFICATION NO. EENH/JSG/07/2021-22**

1. The **Executive Engineer, NH DIVISION, Jharsuguda** on behalf of Governor of Odisha invites Percentage Rate bids in single cover system in **ONLINE MODE** for execution of **Road & RCC Drain** work as detailed in the DTCN from the eligible class of contractors.
2. No. of work = **03 (Three) Road & RCC Drain work**
3. Tender Cost: **Rs.6,000.00**
4. Class of contractor: **"C" Class, "B" Class & "A" Class**
5. Date & Time of available in website & receipt of Bids from **10.00 AM of 15.11.2021 to 05.00 PM of 26.11.2021.**
6. Bid opening Date: **29.11.2021 at 11.00 AM**
7. The Bidders have to participate in ONLINE bidding only. Further details can be seen from the website **www.tendersodisha.gov.in**
8. Any corrigendum / Addendum will be displayed in the website **www.tendersodisha.gov.in**

**Sd./- Executive Engineer,**
**N.H. Division, Jharsuguda**

OIPR-34020/11/0002/2122

## GOVERNMENT OF ODISHA
## REVENUE AND DISASTER MANAGEMENT DEPARTMENT
### CORRIGENDUM

**No. RDM-LAA-BLS-0008-2019 18454/R&DM, dated 29.6.21**

No.XXI-68:- In inviting a reference to this Department Declaration No.11789 dated 07.04.2021 issued U/s 19(1) of the RFCTLA R&R Act, 2013 for acquisition of land measuring to Ac.**17.48** in Village-Bhandarkuli, P.S.- Raibania No.59, Tahasil-Jaleswar, Dist- Balasore the following changes/insertion has been made for future reference and necessary action.

| Declaration No. & date of Revenue & D.M. Department | For the words occuring at Schedule-A of the Declaration | To be read as |
|---|---|---|
| No. 11789 dated 07.04.2021 | 1. In the table at Column No.1, the village name is mentioned as "Shrirampur" | 1. In the table at Column No.1, the village name may be read as "**Bhandarkuli**" |

The other term and conditions as mentioned in the Declaration shall remain unchanged.

**Sd./- Additional Secretary to Government**

OIPR-24001/14/0126/2122

## ଓଡ଼ିଶା ସରକାର
## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
### ଅଧିସୂଚନା

No.: RDM-LAA-MBJ-0046-2021-21801/R&DM Dated: 28 JUL 2021

No.: XXI-73: ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ମୟୂରଭଞ୍ଜ ଜିଲ୍ଲାର ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ଭାଲୁବସା ମାଇନର ନିର୍ମାଣ ନିମନ୍ତେ ସରକାର ସରକାରୀ ବ୍ୟୟରେ ମୌଜା- ରଙ୍ଗାମାଟିଆ, ଥାନା- ବୈଶିଙ୍ଗା ନଂ. ୯୪, ତହସିଲ-ବେତନଟୀ, ଜିଲ୍ଲା- ମୟୂରଭଞ୍ଜରେ ନିମ୍ନ ତଫସିଲ ମତେ ପ୍ରାୟ ଏ୨.୬୩ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ୍, ୨୦୧୩ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ - ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ଭାଲୁବସା ମାଇନର ନିର୍ମାଣ ନିମନ୍ତେ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ - ନିର୍ବାହୀ ଯନ୍ତ୍ରୀ, ବୈଶିଙ୍ଗା କେନାଲ ଡିଭିଜନ, ଲକ୍ଷ୍ମୀପୋଷି, ମୟୂରଭଞ୍ଜ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ - ସାର୍ବଜନୀନ ଉଦ୍ଦେଶ୍ୟରେ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିବା।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ - ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ - ଉପ-ଜିଲ୍ଲାପାଳ, ବାରିପଦା, ମୟୂରଭଞ୍ଜ।
୬. ଜମିର ବିବରଣୀ -

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| ମୟୂରଭଞ୍ଜ | ବେତନଟୀ | ରଙ୍ଗାମାଟିଆ | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ. ୬.୫୮ | ଏ. ୨.୬୩ | ଏଥି ସହିତ ସଂଲଗ୍ନ |

ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ. ୧.୦୨ ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ।

ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ, ବାରିପଦା ସ୍ଥିତ ମୟୂରଭଞ୍ଜଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ମୟୂରଭଞ୍ଜ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

**ରାଜ୍ୟପାଳଙ୍କ ଆଦେଶକ୍ରମେ**
**ସ୍ୱା./- ଅଭୟ କୁମାର ନାୟକ**
**ଅତିରିକ୍ତ ଶାସନ ସଚିବ**

### ଭୂମି ଅନୁସୂଚୀ

ଭୂ-ଅର୍ଜନ ମାମଲା ସଂଖ୍ୟା- ୨୭/୨୦୨୦
ଏ. ୨.୬୩ଡି.

**ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ଭାଲୁବସା ମାଇନର ନିମନ୍ତେ**
**ମୌଜା- ରଙ୍ଗାମାଟିଆ, ଥାନା- ବୈଶିଙ୍ଗା ନଂ.-୯୪, ତହସିଲ- ବେତନଟୀ, ଜିଲ୍ଲା- ମୟୂରଭଞ୍ଜ**

| ଖାତା ନଂ. ଓ ସ୍ୱତ୍ୱ | ପ୍ଲଟ ନଂ. | ମୋଟ ରକବା | ଆକ୍ୟୁଆର ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| ୧୨ | ୬୯୧ | ୦.୦୮ | ୦.୦୫ | ଚକ ନଂ. ୧୬୯ | କଙ୍କା ମାଝୀ, ରାମ ମାଝୀ, ଶୈଳେନ୍ଦ୍ର ମାଝୀ, ପି.- ଅନନ୍ତା ମାଝୀ, ଜା: ସାନ୍ତାଳ, ବା: ପଦ୍ମନାଭପୁର |
| | ୬୯୨ | ୦.୧୩ | ୦.୦୮ | ପତିତ | |
| ୪୨ | ୭୦୭ | ୦.୩୭ | ୦.୧୧ | ଚକ ନଂ. ୧୭୯ ଝାରି | ଝରି ସିଂ, ପି.- ମଙ୍ଗୁଲିଆ ସିଂ, ଜା: ଭୂମିଜ, ବା: ପଦ୍ମନାଭପୁର |
| ୪୪ | ୬୯୮ | ୦.୧୧ | ୦.୦୩ | ଚକ ନଂ. ୧୭୨ | ଡୁମାନ ମାଝୀ, ଲାଓ୍ୱା ମାଝୀ, ବିଶନ ମାଝୀ, ମଙ୍ଗଲା ମାଝୀ, ଲଉ ମାଝୀ, ଦୁଲି ମାଝୀ, ପି.- ଲସ ମାଝୀ, ଜା: ସାନ୍ତାଳ, ବା: ପଦ୍ମନାଭପୁର |
| | ୭୦୩ | ୦.୨୪ | ୦.୦୯ | ଚକ ନଂ. ୧୭୬ | |
| ୫୪ | ୭୦୪ | ୦.୧୨ | ୦.୦୫ | ଚକ ନଂ. ୧୭୭ | ଧୀରେନ ମାଝୀ, ପି.- ରାମ ମାଝୀ, ଜା: ସାନ୍ତାଳ, ବା: ପଦ୍ମନାଭପୁର |
| | ୬୯୬ | ୦.୧୧ | ୦.୦୧ | ଚକ ନଂ. ୧୭୧ | |
| ୯୦ | ୬୭୧ | ୦.୩୬ | ୦.୨୨ | ଘରବାରୀ | ବୈଦ୍ୟନାଥ ସିଂ, ପି.- ରୁହିଆ ସିଂ, ଜା: ଭୂମିଜ, ବା: ଦଳଦଳି |
| ୧୪୪ | ୭୦୮ | ୦.୩୮ | ୦.୧୧ | ଚକ ନଂ. ୧୮୦ | ରୁହିଆ ସିଂ, ପି.- ମଙ୍ଗୁଲିଆ ସିଂ, ଜା: ଭୂମିଜ, ବା: ପଦ୍ମନାଭପୁର |
| ୧୫୯ | ୬୯୦ | ୨.୫୭ | ୦.୫୬ | ଚକ ନଂ. ୧୬୮ | ସବିଦା ମାଝୀ, ହେମେନ୍ଦ୍ର ମାଝୀ, ବିରେନ୍ଦ୍ର ମାଝୀ, ପି.- ଯଦୁ ମାଝୀ, ଜା: ସାନ୍ତାଳ, ବା: ପଦ୍ମନାଭପୁର |
| | ୬୬୯ | ୦.୨୫ | ୦.୦୧ | ପତିତ | |
| | ୬୯୩ | ୦.୨୦ | ୦.୦୩ | ପତିତ | |
| ୧୭୧ | ୬୭୦ | ୦.୧୧ | ୦.୦୯ | ପତିତ | ଶାମ ସିଂ, ପି.- କାଳିଆ ସିଂ, ଜା: ଭୂମିଜ, ବା: ନୟାବସନ୍ତପୁର |
| ୧୮୪ | ୭୦୫ | ୦.୧୨ | ୦.୦୭ | ଶାରଦ ଅଣ ଜଳସେଚିତ ତିନି | ଶ୍ରୀଧର ମାଝୀ, ପି.- ରାମ ମାଝୀ, ଜା: ସାନ୍ତାଳ, ବା: ପଦ୍ମନାଭପୁର |
| ୧୮୬ | ୬୭୨ | ୦.୧୦ | ୦.୦୪ | ଘରବାରୀ | ଶୁକଦେବ ସିଂ, ପି.- ରୁହିଆ ସିଂ, ଜା: ଭୂମିଜ, ବା: ପଦ୍ମନାଭପୁର |
| ୧୮୯ | ୬୭୪ | ୦.୧୧ | ୦.୦୧ | ପତିତ | ସୁନ୍ଦର ମାଝୀ, ଦୁର୍ଗା ମାଝୀ, ପି.- ମଙ୍ଗଳ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| ୧୯୩ | ୭୦୬ | ୦.୨୪ | ୦.୦୫ | ଚକ ନଂ. ୧୭୮ | ସୁନିଆ ମାଝୀ, ପି.- ଲାଭ ମାଝୀ, ଜା: ସାନ୍ତାଳ, ବା: ପଦ୍ମନାଭପୁର |
| ସମପରିମାଣ ଗୋଚର ପ୍ରତିବଦଳ | | | | | |
| ୧୦୩ | ୬୬୪ | ୦.୨୫ | ୦.୨୫ | ପତିତ | ଭୁକୁଡ ମାଝୀ, ଦୁଲା ମାଝୀ, ଠିବୁ ମାଝୀ, ରାମ ମାଝୀ, ପି.- ଗୁବାନ ମାଝୀ, ଜା: ସାନ୍ତାଳ, ବା: ବାଲକା |
| ୧୩୧ | ୬୬୫ | ୦.୩୮ | ୦.୩୮ | ପତିତ | ରବି ମାଝୀ, ପିଟି ମାଝୀ, ବାହ୍ଲି ମାଝୀ, ପି.- ସମାୟ ମାଝୀ, ସିନିଗ ମାଝୀ, ସ୍ୱା.- ସମାୟ ମାଝୀ, ଜା: ସାନ୍ତାଳ, ବା: ପଦ୍ମନାଭପୁର |
| ୧୫୯ | ୬୬୯ | | ୦.୦୪ | ପତିତ | ସବିଦା ମାଝୀ, ହେମେନ୍ଦ୍ର ମାଝୀ, ବିରେନ୍ଦ୍ର ମାଝୀ, ପି.- ଯଦୁ ମାଝୀ, ଜା: ସାନ୍ତାଳ, ବା: ପଦ୍ମନାଭପୁର |
| ୧୭୧ | ୫୦୦ | ୦.୩୫ | ୦.୩୫ | ପତିତ | ଶାମ ସିଂ, ପି.- କାଳିଆ ସିଂ, ଜା: ଭୂମିଜ, ବା: ନୟାବସନ୍ତପୁର |
| ମୋଟ | ୨୦ ପ୍ଲଟକୁ | ଏ. ୬.୫୮ ଡେ.ମି. | ଏ. ୨.୬୩ ଡେ.ମି. | | |

**OIPR-24001/14/0131/2122**

## GOVERNMENT OF ODISHA
## REVENUE AND DISASTER MANAGEMENT DEPARTMENT
### WITHDRAWAL NOTIFICATION

**No. RDM-LAA-MBJ-0018-2020/18751/R&DM** **Dated: 01 JUL 2021**

No. XXI-72: In exercise of the powers conferred by Section 93 (1) of the Right to Fair Compensation and Transparency in Land Acquisition, Rehabilitation & Resettlement Act, 2013, the State Government do hereby withdraw an area of Ac. 3.56 out of the notified area of Ac. 10.66 as per the land schedule given below in Village: Hatikote, P.S.- Betnoti No. 11, Tahasil- Baripada, Dist.- Mayurbhanj covered by Revenue & DM Department Notification No. 37709 dated 23.12.2020 acquired for construction of Hatikote Minor & Khasadihi Sub-Minor under Subarnarekha Irrigation Project of which possession has not been taken.

**By Order of the Governor**
**Sd./- (Avaya Kumar Nayak)**
**Additional Secretary to Government**

### ପ୍ରତ୍ୟାହାର ଭୂମି ଅନୁସୂଚୀ

ଭୂଅର୍ଜନ ମାମଲା ସଂଖ୍ୟା- ୮୪/୨୦୧୮
ଏ.୩.୫୬ଡି.

**ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ, ଖସାଡିହି ସବମାଇନର**
**ମୌଜା: ହାତିକୋଟ, ଥାନା: ବେତନଟୀ ନଂ. ୧୧, ତହସିଲ: ବାରିପଦା, ଜିଲ୍ଲା: ମୟୂରଭଞ୍ଜ**

| ଖାତା ନଂ. ଏବଂ ସ୍ୱତ୍ୱ | ପ୍ଲଟ ନଂ. | କିସମ | ମୋଟ ରକବା | ଆକ୍ୟୁଆର ରକବା | ପ୍ରତ୍ୟାହାର ରକବା | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 4 ରୟତି | 589 | ଡାହିଏକ | 1.25 | 0.18 | 0.18 | ଅରୁଣ ମହାନ୍ତ, ଚୂନାରାମ ମହାନ୍ତ, ପି.- ଛକୁ ମହାନ୍ତ, ଖାଲେ ମହାନ୍ତ, ସ୍ୱା.- କର୍ମୁ ମହାନ୍ତ, ରବୀନ୍ଦ୍ର ମହାନ୍ତ, ବୈଶାଖ ମହାନ୍ତ, ପି.- ଅର୍ଜୁନ ମହାନ୍ତ, ଗହ୍ଳା ମହାନ୍ତ, ରମା ମହାନ୍ତ, ନୀର ମହାନ୍ତ, କ୍ଷୀର ମହାନ୍ତ, ପି.- କୁନୁ ମହାନ୍ତ, କଙ୍କି ମହାନ୍ତ, ସ୍ୱା.- କୁନୁ ମହାନ୍ତ, ଜା: କୁଡୁମୀ, ବା: ନିଜ ଗାଁ |
| | 992 | ଡାହିଏକ | 0.27 | 0.01 | 0.01 | |
| 22 ରୟତି | 989 | ଡାହିଏକ | 0.58 | 0.10 | 0.10 | କାଲୀ ସିଂ, ବଦନ ସିଂ, ପି.- ରୁହିଆ ସିଂ, ବୁଧୁ ସିଂ, ପି.- ମହନ ସିଂ, ଝାମ୍ପୁଟୁ ସିଂ, ପି.- ରାଖାଲ ସିଂ, ଜା: ଭୂମିଜ, ବା: ନିଜଗାଁ |
| 26 ରୟତି | 1293 | ଘରବାରି | 0.16 | 0.03 | 0.03 | କାହ୍ନୁ ଚରଣ ନାଏକ, ପି.- ଭାଗୀରଥି ନାଏକ, ଚନ୍ଦ୍ରା ନାଏକ, ଚକ୍ରା ନାଏକ, ପି.- ଅଙ୍କୁର ନାଏକ, ଜା: ଭୂମିଜ, ବା: ନିଜଗାଁ |
| | 1294 | ଡାହିଏକ | 0.30 | 0.03 | 0.03 | |
| | 1295 | ଘରବାରି | 0.35 | 0.06 | 0.06 | |
| | 1296 | ଡାହିଏକ | 0.25 | 0.03 | 0.03 | |
| | 1297 | ଘରବାରି | 0.42 | 0.11 | 0.11 | |
| 40 ରୟତି | 1000/ 2625 | ଡାହିଏକ | 0.35 | 0.01 | 0.01 | ଖେପା ମାଝି, ପି.- ଗୁନା ମାଝି, ଜା: ସାନ୍ତାଳ, ବା: ନିଜଗାଁ |
| 48 ରୟତି | 1000 | ଡାହିଏକ | 0.15 | 0.22 | 0.22 | ଗୁରୁଭା ସିଂ, ପି.- ସାଇବା ସିଂ, ଜା: ଭୂମିଜ, ବା: ନିଜଗାଁ |
| | 1002 | ବଗାୟତ ତିନି | 0.30 | 0.06 | 0.06 | |
| 58 ରୟତି | 1306 | ଡାହିଏକ | 2.12 | 0.10 | 0.10 | ଗୋରା ନାଏକ, ପି.- ନନ୍ଦିଆ ନାଏକ, ଜା: ଭୂମିଜ, ବା: ନିଜଗାଁ |
| | 1309 | ଘରବାରି | 0.30 | 0.04 | 0.04 | |
| 78 ରୟତି | 987 | ଡାହିଏକ | 0.65 | 0.03 | 0.03 | ଚେମୀ ସିଂ, ସକୀ ସିଂ, ପି.- ସନୁ ସିଂ, ରମିଳି ସିଂ, ସ୍ୱା.- ସନୁ ସିଂ, ତ୍ରିଲୋଚନ ସିଂ, ସନୁ ସିଂ, କଙ୍କା ସିଂ, ପି.- ବଧ ସିଂ, ଜା: ଭୂମିଜ, ବା: ନିଜଗାଁ |
| 130 ରୟତି | 1308 | ଘରବାରି | 0.07 | 0.03 | 0.03 | ଦେବ ନାଏକ, ପି.- ରଥିଆ ନାଏକ, ଜା: ଭୂମିଜ, ବା: ନିଜଗାଁ |
| 162 ରୟତି | 994 | ଡାହିଏକ | 2.60 | 0.36 | 0.36 | ପୂର୍ଣ୍ଣଚନ୍ଦ୍ର ମହାନ୍ତ, ପରେଶ ମହାନ୍ତ, ସୁଶିଳା ମହାନ୍ତ, ଭେଦି ମହାନ୍ତ, ପି.- ହରି ମହାନ୍ତ, ଜା: କୁଡୁମୀ, ବା: ନିଜଗାଁ, ପୃଥ ମହାନ୍ତ, ସ୍ୱା.- ଯୁଜେଷ୍ଟି ମହାନ୍ତ, ତ୍ରିଲୋଚନ ମହାନ୍ତ, ପି.- ହର ମହାନ୍ତ, ପେମ ମହାନ୍ତ, ପି.- ନକୁଳ ମହାନ୍ତ, ଜା: କୁଡୁମୀ, ବା: ବଜ୍ରତଣ୍ଡି, ଥା: ବାରିପଦା |
| | 1314 | ଡାହିଏକ | 2.23 | 0.22 | 0.22 | |
| 272 ରୟତି | 982 | ଡାହିଏକ | 0.48 | 0.08 | 0.08 | ସମା ସିଂ, ପି.- ବରଗିଆ ସିଂ, ଚନ୍ଦ୍ର ସିଂ, ନାରାଣ ସିଂ, ସାନସାଇବା ସିଂ, ପି.- ବରଗି ସି, ପି.- ଫତେ ସିଂ, ଜା: ଭୂମିଜ, ବା: ନିଜଗାଁ |
| | 988 | ଡାହିଏକ | 1.15 | 0.19 | 0.19 | |
| | 995 | ଡାହିଏକ | 2.98 | 0.32 | 0.32 | |
| | 1001 | ବଗାୟତ ତିନି | 1.73 | 0.22 | 0.22 | |
| | 1003 | ଡାହିଏକ | 0.13 | 0.02 | 0.02 | |
| 301/37 ରୟତି | 1287/ 2729 | ଆଶୁ | 0.31 | 0.08 | 0.08 | ଭାଗୀରଥି ମହାନ୍ତ, ପି.- ମନ୍ମଥ ମହାନ୍ତ, ଜା: କୁର୍ମି କ୍ଷତ୍ରିୟ, ବା: ବୁଢ଼ୀଖମାରି |
| 301/38 ରୟତି | 1287 | ଆଶୁ | 0.60 | 0.12 | 0.12 | ହରେକୃଷ୍ଣ ମହାନ୍ତ, ପି.- ମନ୍ମଥ ମହାନ୍ତ, ଅଜୟ କୁମାର ମହାନ୍ତ, ପି.- ରଘୁନାଥ ମହାନ୍ତ, ଜା: କୁର୍ମି କ୍ଷତ୍ରିୟ, ବା: ବୁଢ଼ୀଖମାରି |
| | 1288 | ଘରବାରି | 0.64 | 0.01 | 0.01 | |
| 301/46 ରୟତି | 1308/ 2735 | ଘରବାରି | 0.34 | 0.06 | 0.06 | ବୁଧିଆ ନାଏକ, ମିଲୁ ନାଏକ, ପି.- ଚକ୍ରା ନାଏକ, ଜା: ଭୂମିଜ, ବା: ନିଜଗାଁ |
| 301/80 ରୟତି | 1291/ 2769 | ଆଶୁ | 0.62 | 0.18 | 0.18 | ଝରିଲାଲ ମହାନ୍ତ, ପି.- ଦୁଖୁ ମହାନ୍ତ, ଜା: କୁଡୁମୀ, ବା: ନିଜଗାଁ |
| 301/87 ରୟତି | 1307 | ଡାହିଏକ | 0.55 | 0.05 | 0.05 | ଶ୍ରୀମତୀ ସାଇବାଣୀ ମହାପାତ୍ର, ପି.- ମଙ୍ଗୁଲୁ ମହାପାତ୍ର, ଜା: ଭୂମିଜ, ବା: ନିଜଗାଁ |
| 301/127 ରୟତି | 1293/ 2812 | ଘରବାରି | 0.28 | 0.06 | 0.06 | ଜଗନ୍ନାଥ ସିଂ, ପି.- ଗୋରା ସିଂ, ଜା: ଭୂମିଜ, ବା: ରାଗଧା |
| 301/178 ରୟତି | 1313/ 2851 | ଡାହିଏକ | 0.85 | 0.08 | 0.08 | ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତ, ଚାମୁ ମହାନ୍ତ, ଦେବେନ୍ଦ୍ରନାଥ ମହାନ୍ତ, ପି.- ଜିତୁ ମହାନ୍ତ, ଜା: କୁଡୁମୀ, ବା: ହାତୀକୋଟ |
| 301/200 ରୟତି | 1313/ 2871 | ଡାହିଏକ | 1.08 | 0.16 | 0.16 | ଦୁଲାଲ ମହାନ୍ତ, ସନିଆ ମହାନ୍ତ, ପି.- ବୁଧିଆ ମହାନ୍ତ, ଜା: କୁଡୁମୀ, ବା: ନିଜଗାଁ |
| 301/258 ରୟତି | 1314/ 2994 | ଘରବାରି | 2.22 | 0.13 | 0.13 | ଦାମୋଦର କରଣ, ପି.- ପୁରୁଷୋତ୍ତମ କରଣ, ଜା: ସଦଗୋପ, ବା: ପ୍ରଫୁଲ୍ଲନଗର ୱାର୍ଡ ନଂ. ୧୨, ବାରିପଦା |
| | 1315 | ଘରବାରି | 1.15 | 0.18 | 0.18 | |
| ମୋଟ | 33 ପ୍ଲଟ | | ଏ. 28.46 ଡେ.ମି. | ଏ. 3.56 ଡେ.ମି. | ଏ. 3.56 ଡେ.ମି. | |

| Sd./- 08.04.2021 | Sd./- 08.04.2021 | Sd./- 09.04.2021 | Sd./- 27.04.2021 | Sd./- 28.04.2021 |
|---|---|---|---|---|
| Assistant Engineer B.C. Canal Sub-Division No.II, Laxmiposi | Sub-Divisional Officer B.C. Canal Sub-Division No.II, Laxmiposi | Executive Engineer Betnoti Canal Division Laxmiposi | Zone Officer-cum-L.A. Collector S.I.P., Laxmiposi Zone | Spl. Land Acquisition Officer S.I.P., Baripada |

OIPR-24001/14/0133/2122

